## ସେରୋଲୋଜିକାଲ ପରୀକ୍ଷା ନେଇ ନମୁନା ସଂଗ୍ରହ

କୁଡୁମୁଲୁଗୁମ୍ମା,ଡି.ଏନ.ଏ.)-କୁଡୁମୁଲୁଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୫୦ ଜଣଙ୍କଠାରୁ ସେରୋଲୋଜିକାଲ ପରୀକ୍ଷା ପାଇଁ ରକ୍ତ ନମୁନା ସଂଗ୍ରହ କରାଯାଇଛି। ମୁଖ୍ୟତଃ କରୋନା ଯୋଦ୍ଧାମାନଙ୍କ ନମୁନା ସଂଗ୍ରହ କରାଯାଇଥିବା ଜଣାପଡିଛି। ସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ କୁମାର ଷଡଙ୍ଗୀ, ତହସିଲଦାର ବିଜୟ ମାଣ୍ଡାଙ୍ଗୀକଲେଜ ଅଧକ୍ଷ ଅଶୋକ ପ୍ରଧାନ , ଗୌରୀ ଶଙ୍କର ବେହେରା, ଗଣମାଧ୍ୟମ ପ୍ରତିନିଧି ବାଳକୃଷ୍ଣ ପ୍ରଧାନ, ଭଗବାନ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ଖୁଣ୍ଟ ପଡ଼ି ବୃଦ୍ଧ ମୃତ

**ଗୁଣପୁର,୧୩।୧୦(ଡି.ଏନ୍.ଏ.):** ରାୟଗଡ଼ା ଜିଲା ପୁରୁଣା ଗୁଣପୁର ଅଞ୍ଚଳରେ ମଙ୍ଗଳବାର ବିଦ୍ୟୁତ୍ ଖୁଣ୍ଟ ପଡ଼ି ଜଣେ ମଇଁଷି ଚରାଳିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବ୍ରାହ୍ମଣ ସହିର ସିମାଦ୍ରୀ ଗୌଡ଼(୬୦)। ସିମାଦ୍ରୀ ସକାଳେ ମଇଁଷି ଚରାଇବାକୁ ଯାଇଥିଲେ। ଅପରାହ୍ନରେ ସ୍ଥାନୀୟ ରାଜିବ ଗାନ୍ଧୀ ପଡ଼ିଆ ନିକଟ ମଣ୍ଡପରେ ବସିଥିଲେ। ଏହି ସମୟରେ ସେଠାରେ ଥିବା ଏକ ତାରବିହୀନ ବିଦ୍ୟୁତ୍ ଖୁଣ୍ଟ ସିମାଦ୍ରୀଙ୍କ ମୁଣ୍ଡ ଉପରେ ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ବିଡିଓ, ତହସିଲଦାରଙ୍କୁ ସଜାଗ କଲେ ଜିଲାପାଳ

**ରାୟଗଡ଼ା ଅଫିସ,୧୩।୧୦:** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ତୀବ୍ର ଅବପାତର ରୂପ ନେଇଛି। ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ଜାରି ରହିଛି। ପଦ୍ମପୁର ବ୍ଲକର କେନ୍ଦୁଗୁଡ଼ା ଡ୍ୟାମ୍‌ର ଗୋଟିଏ ଗେଟ୍ ଖୋଲାଯାଇଛି। ବନ୍ୟା ପରିସ୍ଥିତିକୁ ଏଡ଼ାଇବା ପାଇଁ ରାଜ୍ୟ ମୁଖ୍ୟ ରିଲିଫ କମିଶନର ସମସ୍ତ ଜିଲାର ଜିଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ୧୧ ବ୍ଲକ୍‌ର ବିଡିଓ ଏବଂ ତହସିଲଦାରଙ୍କୁ ସତର୍କ କରାଇଛନ୍ତି। ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ପ୍ରତ୍ୟେକ ଗ୍ରାମ ଏବଂ ନଦୀକୂଳିଆ ଅଞ୍ଚଳବାସୀଙ୍କୁ ସତର୍କ କରାଯାଇଛି।

### କେନ୍ଦ୍ରୀୟ ବିଦ୍ୟାଳୟକୁ ୮ ଏକର ଜମି

**ଜୟପୁର,୧୩।୧୦(ଡି.ଏନ.ଏ ):** କୋରାପୁଟ ଜିଲା ପ୍ରଶାସନ ଜୟପୁରଠାରେ କେନ୍ଦ୍ରୀୟ ବିଦ୍ୟାଳୟ ଭବନ ନିର୍ମାଣ ପାଇଁ ୮ ଏକର ସରକାରୀ ଜମି ଦେଇଛନ୍ତି। ୯ରେ ଜୟପୁର ତହସିଲର ଏଲଆର ମୌଜା ଜଗନ୍ନାଥ ସାଗର ତଳି ଅଞ୍ଚଳରେ ଏହି ୮ଏକର ଜମି ପ୍ରଦାନ କରାଯାଇଛି। ତୁରନ୍ତ ଆବଶ୍ୟକ ଜମି କାଗଜପତ୍ର ପ୍ରଦାନ କରାଯାଇ ଜମିର ପଟ୍ଟା କେନ୍ଦ୍ରୀୟ ବିଦ୍ୟାଳୟ ନାମରେ ଆବେଦନ କରିବାକୁ ସୁନାବେଡ଼ା କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ଅନନ୍ତ ମେହେରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଠିକା କାମକୁ ନେଇ ବିବାଦ

**ଜୟପୁର,୧୩।୧୦(ଡି.ଏନ.ଏ ):** କୋରାପୁଟ ଜିଲାର ବିଭିନ୍ନ ଠିକାଦାର କାମର ଭାଗବଣ୍ଟାକୁ ନେଇ ସ୍ଥାନୀୟ କଂଗ୍ରେସ ଓ ଭାଜପା ନେତାଙ୍କ ମଧ୍ୟରେ ବିବାଦ ଲାଗିଥିବା ଜିଲା ଯୁବ ସଂଗଠନ ଆବାହକ ରବିନ୍ଦ୍ର ମହାପାତ୍ର ଅଭିଯୋଗ କରିଛନ୍ତି। ବୈପାରୀଗୁଡା ବ୍ଲକର ୨୭ କୋଟି ଟଙ୍କାର ବାଲିଗାଁ- ଗୁପ୍ତେଶ୍ୱର ରାସ୍ତା ନିର୍ମାଣ ନେଇ ୨ଟି ଠିକା ସଂସ୍ଥା ଆବେଦନ କରିଥିଲେ। ଜିଏସ କନଷ୍ଟ୍ରକସନ ଠିକା ସଂସ୍ଥା କାମ ପାଇ ନ ଥିଲା। ମାତ୍ର ଏହି କନଷ୍ଟ୍ରକସନ ଜଣେ ସ୍ଥାନୀୟ ନେତାଙ୍କ ହୋଇଥିବାରୁ ବିଭିନ୍ନ ରୂପେ ଏହାର ବିରୋଧ କରାଯାଉଛି ବୋଲି ମହାପାତ୍ର କହିଛନ୍ତି।

### ୨ ଶିଶୁ ଶ୍ରମିକ ଉଦ୍ଧାର

**କୋରୁକୋଣ୍ଡା, ୧୩।୧୦(ଡି.ଏନ. ଏ.):** କୋରୁକୋଣ୍ଡା ବ୍ଲକ ସଦର ପଞ୍ଚାୟତର ୫ଲକ୍ଷ ଟଙ୍କାର ଏକ ଉନ୍ନୟନ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ମଧ୍ୟରେ ୨ ଶିଶୁ ଶ୍ରମିକ ଥିବା ଖବର ପାଇ ଜିଲା ଶ୍ରମ ଅଧିକାରୀ ମଦନ ମୋହନ ପାଇକଙ୍କ ନେତୃତ୍ୱରେ ଚାଇଲଡ ଲାଇନର ସୁକାନ୍ତି ବିଶ୍ୱାଳ ଓ କର୍ମଚାରୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ। ଉଭୟ ନାବାଳକଙ୍କୁ ମାଲକାନଗିରି ଜିଲା ସିଡବ୍ଲ୍ୟୁସିଙ୍କ ନିକଟରେ ହାଜର କରାଯିବ। ୨ ଶିଶୁ ଶ୍ରମିକଙ୍କ ମଧ୍ୟରୁ ଜଣକର ମା'ବାପା ନଥିବା ଏବଂ ଅନ୍ୟ ଜଣେ ଶିଶୁଙ୍କ ମା'ଙ୍କ ମାନସିକ ସ୍ଥିତି ଭଲ ନ ଥିବାରୁ ସେମାନେ ବାଧ ହୋଇ ଶିଶୁ ଶ୍ରମିକ ରୂପେ କାର୍ଯ୍ୟ କରୁଛନ୍ତି।

### ଜଙ୍ଗଲରୁ ଭିକ୍ଷୁକଙ୍କୁ ଉଦ୍ଧାର କଲେ ଯୁବକ

**ବିଷମକଟକ,୧୩।୧୦:** ରାସ୍ତାକଡ଼ ଜଙ୍ଗଲରେ ଅସହାୟ ଅବସ୍ଥାରେ ପଡ଼ିରହିଥିବା ଜଣେ ରୋଗାକ୍ରାନ୍ତ ଭିକ୍ଷୁକଙ୍କୁ ଉଦ୍ଧାର କରି ମାନବିକତାର ପରିଚୟ ଦେଇଛନ୍ତି ଜଣେ ଯୁବକ। ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ଝିଗିଡ଼ି ଗ୍ରାମ ଜଙ୍ଗଲରେ ଭିକ୍ଷୁକ ଜଣଙ୍କ ୩ଦିନ ଧରି ପଡ଼ିରହିଥିଲେ। କେତେଜଣ ବ୍ୟକ୍ତିଙ୍କଠାରୁ ଖବରପାଇ ଅଞ୍ଚଳର ଜି. ଶ୍ରୀନିବାସ କୁମାର ତାଙ୍କୁ ଉଦ୍ଧାର କରି ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଛନ୍ତି। ସେ କଳାହାଣ୍ଡି ଜିଲା ଭବାନୀପାଟଣାର ପିପନପୋଡ଼ା ଗ୍ରାମର ଜୟଦେବ ବାଗ୍ ବୋଲି ଜଣାପଡ଼ିଛି।

# ଜିଲାପାଳଙ୍କ ଅନୁମତିକୁ ଅପେକ୍ଷା

**ଜୟପୁର,୧୩।୧୦(ଡି.ଏନ.ଏ./ନି.ପ୍ର. )**



ଶାନ୍ତିଶୃଙ୍ଖଳାର ସହ ଦଶହରା ପାନ ନେଇ ବିଧାୟକ ଓ ଅଧିକାରୀମାନେ ଆଲୋଚନା କରୁଛନ୍ତି।

କୋରାପୁଟ ଜିଲା ଜୟପୁର ସହରରେ ପାଳିତ ହେଉଥିବା ଐତିହାସିକ ଦଶହରା ପାଳନ ପାଇଁ ମଙ୍ଗଳବାର ଆର୍ଟିଡିଏ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଆସନ୍ତା ନବରାତ୍ର ପରମ୍ପରାର ଦଶହରା ପୂଜା, ବିମାନରେ ଦେବୀଙ୍କ ପ୍ରତିମୂର୍ତ୍ତି ୭ଦିନ ସହର ପରିକ୍ରମା ଏବଂ ଅନ୍ତିମ ଦିବସ ଅପରାଜିତା ପୂଜାର ଆୟୋଜନ ନେଇ ଆଲୋଚନା ହୋଇଥିଲା। ବୈଠକର ଆଲୋଚନା ବିଷୟ ଜିଲାପାଳଙ୍କୁ ଅବଗତ କରାଯିବ। ଜିଲାପାଳଙ୍କ ଅନୁମତି ପରେ ଦଶହରା ପାଳନ ନିଶ୍ଚିତ ହୋଇପାରିବ। ଜୟପୁର ଦଶହରା ପୂଜା କମିଟିର ଆବାହକ ଉପଜିଲାପାଳ ହେମକାନ୍ତ ସଏଙ୍କ ତତ୍ତ୍ୱାବଧାନରେ ହୋଇଥିବା ବୈଠକରେ ବିଧାୟକ ତାରାପ୍ରସାଦ ବାହିନୀପତି ଅଧ୍ୟକ୍ଷତା କରିଥିଲେ। କୋରାନା ମାହାମାରୀ କଟକଣା ନିୟମ ପାଳନ କରି ମୁଖ୍ୟତଃ ୧୦ଟି ବିଷୟ ଉପରେ ଆଲୋଚନା ହୋଇଥିଲା । ଆସନ୍ତା ୧୭ ରୁ ୨୫ ପର୍ଯ୍ୟନ୍ତ ନବରାତ୍ର ଅବସରରେ ବିଭିନ୍ନ ପୂଜାର୍ଚ୍ଚନା, ଭଗବତୀ ମନ୍ଦିରରୁ ଦେବୀ ବିଜୟାଙ୍କ ବିମାନରେ ସହର ପରିକ୍ରମା ଏବଂ ବାଙ୍କମଠଠାରେ ପୂଜାର୍ଚ୍ଚନା, ଦଶହରା ଅନ୍ତିମ ଦିବସ ରାତିରେ ଦେବୀ ଭଗବତୀ, ଦକ୍ଷିଣକାଳୀ, ବସନ୍ତାୟୀ, କନକଦୁର୍ଗାଙ୍କ ବିମାନରେ ପ୍ରତିମୂର୍ତ୍ତି ଏବଂ ବିଭିନ୍ନ ଦୈବୀପୀଠରୁ ଆସିବାକୁ ଥିବା ପ୍ରତୀକ ଲାଠିଗୁଡିକର ଅପରାଜିତା ପୂଜା ପାଇଁ ଦଶହରା ପଡିଆ ନିଆଯିବାକୁ ନିଷ୍ପତ୍ତି ହୋଇଥିଲା।

ଜୟପୁର ରଥପଡିଆ ଛକ,ପାୱାର ହାଉସ, ମାଦଳା ସାହି, ଜଗତଜନନୀ ମନ୍ଦିର ଛକ, ଗାନ୍ଧି ଛକ, ସରକାରୀ ବସଷ୍ଟାଣ୍ଡରେ ଅସ୍ଥାୟୀ ଭାବେ ଦେବୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ଆୟୋଜିତ ହେବ। ବିସର୍ଜନପାଇଁ ପଟୁଆର ଏବଂ ଶୋଭାଯାତ୍ରା ହେବନାହିଁ। ବିଭିନ୍ନ ଦେବୀ ପୀଠରୁ ଆସିଥିବା ପ୍ରତୀକ ଲାଠି ଯାତ୍ରା ବେଳେ କରୋନା ନିୟମ ଅନୁଯାୟୀ କଟକଣା ଲାଗୁ କରାଯିବ। ପ୍ରତ୍ୟେକ ଦେବୀ ଓ ଲାଠିର ଯାତ୍ରା ୪୫ ମିନିଟ ରଖାଯାଇଛି । ସେହିପରି ବିମାନ ଏବଂ ଲାଠି ମଧ୍ୟରେ ୨୦ ଫୁଟ ଦୂରତା ରହିବ। ପ୍ରତ୍ୟେକ ବିମାନ ଓ ଲାଠୀଧାରୀମାନେ ୭ଜଣରୁ ଅଧିକ ହେବେ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଦେବୀଙ୍କ ବିମାନ ଯାତ୍ରା ବେଳେ ସହରର କୌଣସି ବ୍ୟକ୍ତି ଯେପରି ସେଠାକୁ ନ ଆସିବାକୁ ମାଇକ ଯୋଗେ ସହରରେ ପ୍ରଚାର କରାଯିବ । କୌଣସି ନିୟମ ଉଲ୍ଲଂଘନ ହେଉଥିଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ସେହିପରି ଏନ.କେ.ଟି ରୋଡ. ଏମ.ଜି. ରୋଡ, ଧୋବା ସାହି ରାସ୍ତାରେ ବେରିକେଟ କରି ଅବରୋଧ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଏସଡିପିଓ ଜି. ବରୁଣ, ତହସିଲଦାର ଅଶ୍ୱିନୀ ମହାପାତ୍ର, ଅତିରିକ୍ତ ତହସିଲଦାର ନିଳାମ୍ବର ପୂଜାରୀ, ଥାନା ଅଧିକାରୀ ବାଲେଶ୍ୱର ଗିଧି, ନିର୍ବାହୀଯନ୍ତ୍ରୀ ଭାସ୍କର ସାମନ୍ତରାୟ, ଦେବତ୍ତୋର ଉପଦେଷ୍ଟା କମିଟି ସଭାପତି ଲାଲ ମୋହନ ମିଶ୍ର, ଏସଡିପିଆରଓ ପୀତବାସ ବିଶ୍ୱାଳଙ୍କ ସହ ଅନ୍ୟମାନେ ବୈଠକରେ ଉପସ୍ଥିତ ଥିଲେ।

**ଜୟପୁର ଦଶହରା ପାଳନ ନେଇ ବୈଠକ**

- ୧୭ରୁ୨୫ ନବରାତ୍ର ଅବସରରେ ବିଭିନ୍ନ ପୂଜାର୍ଚ୍ଚନା
- ବିମାନ, ଲାଠିଧାରୀଙ୍କ ମଧ୍ୟରେ ରହିବ ୨୦ ଫୁଟ ଦୂରତା
- ୩ ସ୍ଥାନରେ ହେବ ବ୍ୟାରିକେଡ୍

# ପୂର୍ବ ଶତ୍ରୁତାରୁ ତଣ୍ଟି ଚିପି ହତ୍ୟା

**ମୁନିଗୁଡ଼ା,୧୩।୧୦(ଡି.ଏନ୍.ଏ.)**

**ରାସ୍ତାକଡ଼ରୁ ମୃତଦେହ ଉଦ୍ଧାର ଘଟଣା ପର୍ଦ୍ଦାଫାଶ**

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ୍ ଅମ୍ବାଦଳା ଥାନା ଅଧୀନ କୁଟ୍ରୁପାଲି-ଗଜାକୁପୁଲି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା କଡ଼ରୁ ରବିବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ଘଟଣାର ପର୍ଦ୍ଦାଫାସ ହୋଇଛି। ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗଜକୁପୁଲି ଗ୍ରାମର ବିଜୟ ପାତ୍ର(୫୦)ଙ୍କୁ କୁଟ୍ରୁପାଲି ଗ୍ରାମର ବୀର କେଶରୀ ବାସାରି(୨୫) ହତ୍ୟା କରିଥିବା ତଦନ୍ତରୁ ଜଣାପଡ଼ିଛି। ପୋଲିସ ଅଭିଯୁକ୍ତ ବୀର କେଶରୀଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ଶନିବାର ଅପରାହ୍ନରେ ବିଜୟ ଅମ୍ବାଦଳା ବଜାରକୁ ଯାଇଥିଲେ। କିନ୍ତୁ ରାତିରେ ଆଉ ଘରକୁ ଫେରି ନ ଥିଲେ। ରବିବାର ସକାଳେ ସ୍ଥାନୀୟ ଲୋକେ ରାସ୍ତାକଡରେ ତାଙ୍କ ମୃତଦେହ ପଡ଼ିଥିବା ଦେଖି ପରିବାର ଏବଂ ପୋଲିସକୁ ଖବର ଦେଇଥିଲେ। ଅମ୍ବାଦଳା ଥାନାଧିକାରୀ ବନ୍ଦନା ନାୟକ, ବିଷମକଟକ ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁଙ୍କ ସମେତ ରାୟଗଡ଼ା ସାଇଣ୍ଟିଫିକ ଟିମ୍ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚଳାଇଥିଲେ। ତଦନ୍ତବେଳେ ତାଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ଜଣାପଡ଼ିଥିଲା। ୧୦ ତାରିଖ ସନ୍ଧ୍ୟାରେ ବିଜୟ କୁଟ୍ରୁପାଲି ଗ୍ରାମଦେଇ ନିଜ ଗାଁ ଗାଜାକୁପୁଲିକୁ ଫେରୁଥିଲେ। ଏହି ସମୟରେ କୁଟ୍ରୁପାଲି ସ୍କୁଲ ନିକଟରେ ବୀରଙ୍କ ପରିବାରକୁ ଇଙ୍ଗିତ କରି ଖରାପ ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିପୂର୍ବରୁ ମଧ୍ୟ ବୀର ଏବଂ ବିଜୟଙ୍କ ପରିବାର ମଧ୍ୟରେ ଶତ୍ରୁତା ରହିଥିଲା। ଶନିବାର ପୁଣି ବଚସା ପରେ ବୀର ଉତ୍ୟକ୍ତ ହୋଇ ବିଜୟଙ୍କ ପିଛା କରିଥିଲେ। ଗାଜାକୁପୁଲି ଯିବା ରାସ୍ତାରେ ବିଜୟଙ୍କ ତଣ୍ଟି ଚିପି ହତ୍ୟା କରିଥିବା ସ୍ପଷ୍ଟ ହୋଇଥିବା ପୋଲିସ ସୂଚନା ଦେଇଛି। ଏ ନେଇ ଅମ୍ବାଦଳା ଥାନାରେ ୧୦୯/୨୦ ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ପୋଲିସ ଅଭିଯୁକ୍ତ ବୀରଙ୍କ ନିକଟରୁ ହତ୍ୟାରେ ବ୍ୟବହୃତ ଛୁରୀ ଏବଂ ପୋଷାକ ଜବତ କରିଥିବା ସୂଚନା ମିଳିଛି।

# ଭିନ୍ନକ୍ଷମଙ୍କୁ ବିଭିନ୍ନ ଉପକରଣ ବଣ୍ଟନ

**ଚିତ୍ରକୋଣ୍ଡା,୧୩।୧୦(ଡି.ଏନ.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ଲରିମନ ଖରସେଲଙ୍କ ତତ୍ତ୍ୱାବଧାନରେ ଏକ ଭିନ୍ନକ୍ଷମ ଶିବିର ଅନୁଷ୍ଠିତ ହୋଇ ଦିବ୍ୟାଙ୍ଗମାନଙ୍କୁ ତିନିଚକିଆ ଯାନ, ହୁଇଲି ଚେୟାର, ଆଶାବାଡ଼ି ଓ ଶ୍ରବଣ ଯନ୍ତ୍ର ବଣ୍ଟନ କରାଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରାଧାମଣି ଦଳାଇ, ଏବିଡିଓ ବେନୁ କିଷାନ, ଜିଲା ପ୍ରକଳ୍ପ ସହାୟକ କାହ୍ନୁ ଚରଣ ସାହୁ, କନିଷ୍ଠ ଯନ୍ତ୍ରୀ ଆନନ୍ଦିତା ରାୟ ଓ ଜ୍ଞାନରଞ୍ଜନ ରାଉଳଙ୍କ ଉପସ୍ଥିତ ଥିଲେ।

# ପୋଲ ନିର୍ମାଣ ନେଇ ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ

**କୋରାପୁଟ,୧୩।୧୦,(ସ୍ୱ.ପ୍ର.)**

ପୋଲ ନିର୍ମାଣ ଦାବି ଦେଇ ନନ୍ଦପୁର ବ୍ଲକ ମାଳିବେଲଗାଁ ପଞ୍ଚାୟତବାସୀ ମଙ୍ଗଳବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଏକ ଦାବିପତ୍ର ଦେଇଛନ୍ତି। ମାଳିବେଲଗାଁ ପଞ୍ଚାୟତର ରସାଉଳି ପୁଜାରିପୁଟ-ସିଡାପୁଟ ନାଳରେ ଏକ ପୋଲ ନିର୍ମାଣ ପାଇଁ ସେମାନେ ଏଥିରେ ଉଲ୍ଲେଖ କରିଛନ୍ତି। ଏଥିସହ ଦୁଇ ଗ୍ରାମ ମଧ୍ୟରେ ରାସ୍ତା ନିର୍ମାଣ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ନିର୍ମିତ ରାସ୍ତା ମରାମତି, କଲଭର୍ଟ ନିର୍ମାଣ ଆଦି ଦାବି ରହିଛି। ପୂର୍ବତନ ସରପଞ୍ଚ ଧନପତି ଶିଶା ନେତୃତ୍ୱ ନେଇଥିଲେ।

# ଗ୍ରାହକ ସେବା କେନ୍ଦ୍ରରେ ଟଙ୍କା ହଡ଼ପ ଅଭିଯୋଗ

**ମାଲକାନଗିରି/କୋରୁକୋଣ୍ଡା, ୧୩।୧୦।(ଡି.ଏନ୍.ଏ.)**

**କେନ୍ଦ୍ରକୁ ପରିଚାଳନା କରୁଥିବା ବ୍ୟକ୍ତି ହିଁ କରୁଛନ୍ତି ଠଙ୍କତା**



ଅଭିଯୋଗ କରୁଥିବା ଗ୍ରାମବାସୀ।

ମାଲକାନଗିରି ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳରେ କିପରି ସାଧାରଣ ଲୋକେ ବ୍ୟାଙ୍କ ସେବା ପାଇପାରିବେ ସେନେଇ ବ୍ୟାଙ୍କ ଆକାଉଣ୍ଟ ଖୋଲିବା, ଅର୍ଥ ଦେଣନେଣ କରିବା ପାଇଁ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଅନେକ ଅଞ୍ଚଳରେ ଗ୍ରାହକ ସେବା କେନ୍ଦ୍ର ଖୋଲାଯାଇଛି। ଏହି କେନ୍ଦ୍ରଗୁଡିକୁ କେତେଜଣ ବେସରକାରୀ ବ୍ୟକ୍ତି ପରିଚାଳନା କରିବା ଲାଗି ବ୍ୟାଙ୍କ ସହ ବୁଝାମଣା କରି ନେଇଥାନ୍ତି। ମାତ୍ର ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ତାର୍ଲାକୋଟାସ୍ଥିତ ଷ୍ଟେଟ୍ ବ୍ୟାଙ୍କର ଗ୍ରାହକ ସେବା କେନ୍ଦ୍ରରେ ଗ୍ରାହକଙ୍କୁ ଠକେଇ କରାଯାଉଥିବା ଏବଂ ସେମାନଙ୍କ ଆକାଉଣ୍ଟରୁ ଠଙ୍କତା କରି ଅର୍ଥ ସମ୍ପୃକ୍ତ ସେବା କେନ୍ଦ୍ରର କର୍ମଚାରୀ ହଡ଼ପ କରୁଥିବା ଗ୍ରାହକ କମଳଲୋଚନ ନାୟକ, ଲକ୍ଷ୍ମୀ ବାଟଗରିଆ, ରାମେ ପଡିଆମି, ସନାଇ ନାୟକଙ୍କ ଅନ୍ୟମାନେ କହିଛନ୍ତି। ସେମାନେ ଏ ସମ୍ପର୍କରେ ଓର୍କେଲ ଥାନାରେ ଅଭିଯୋଗ କରିଛନ୍ତି। ତାର୍ଲାକୋଟା ସି.କଲୋନି, ବି.କଲୋନି, ଅଣ୍ଡିରାଗୁଡା, ନିଲାପାରି, ସିରାଗୁଡା ଗ୍ରାମର ବହୁ ବ୍ୟାଙ୍କ ହିତାଧିକାରୀ କହିଛନ୍ତି ଯେ, ସେମାନେ ବ୍ୟାଙ୍କରେ ଟଙ୍କା ପୈଠ କରିବା ପାଇଁ ପରିଚାଳକଙ୍କୁ ଦେଲା ପରେ ଟଙ୍କା ପୈଠ ହୋଇଗଲା କହି ସେ ଆମମାନଙ୍କୁ ପଠାଇ ଦେଉଥିଲେ । ଅଥଚ ଆମେ ଟଙ୍କା ଉଠାଇବା ସମୟରେ ପାସ୍‌ବୁକ୍‌ରେ ଡିପୋଜିଟ ଟଙ୍କା ନ ଥାଏ। ଏ ବିଷୟରେ ସମ୍ପୃକ୍ତ ପରିଚାଳକଙ୍କୁ ପଚାରିବାରୁ ଟଙ୍କା କୁଆଡ଼େ ଗଲା ଆମେ ଜାଣିନାହୁଁ ବୋଲି କହୁଛନ୍ତି। ସେହିପରି ବ୍ୟାଙ୍କ ପାସ୍‌ବୁକରେ ଥିବା ଟଙ୍କା ସମ୍ପର୍କରେ ଜାଣିବା ପାଇଁ ଆସିଲେ ଲୋକଙ୍କଠାରୁ ସମ୍ପୃକ୍ତ ପରିଚାଳକ ଫିଙ୍ଗର ପ୍ରିଣ୍ଟ ନେଇ ପରେ ଠଙ୍କତା କରି ଟଙ୍କା ଉଠାଇ ହଡ଼ପ କରି ନେଉଥିବା ଅଭିଯୋଗ ହେଉଛି। ଅଭିଯୋଗ ପାଇବା ପରେ ଏସ୍‌ଡିପିଓ ସୁନାରାମ ହେମ୍ବ୍ରମ ସମ୍ପୃକ୍ତ ପରିଚାଳକଙ୍କୁ ଥାନାକୁ ଡକାଇ ପଚରାଉଚରା କରି ତଦନ୍ତ ଜାରି ରଖିଛନ୍ତି।

# ଟ୍ରେନରୁ ଖସିପଡି ଜଣେ ମୃତ

**ଦାମନଯୋଡି,୧୩।୧୦(ଡି.ଏନ.ଏ.)**

ନାଲକୋ ପ୍ଲାଣ୍ଟର ଆଲୁମିନା ହୋଲଡିଂ ଅଞ୍ଚଳରେ ଟ୍ରେନ ଧକ୍କାରେ ଜଣେ ଠିକା କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ଅନନ୍ତ ବିଶୋୟୀ(୫୫)। ଏହି ଅଞ୍ଚଳରେ ଆଲୁମିନା ପାଉଡର ଟ୍ରେନରେ ଲୋର୍ଡ କରାଯାଏ। ସୋମବାର ଟ୍ରେନଟି ପାଉଡର ଲୋର୍ଡ ପାଇଁ ପଛୁଆ ଆସୁଥିବା ବେଳେ ଅନନ୍ତ ସେଥିରୁ ଓହ୍ଲାଉଥିଲେ। ଏହି ସମୟରେ ସେ ଭାରସାମ୍ୟ ହରାଇ ପଡିବାରୁ ତାଙ୍କ ଜଙ୍ଘ ଉପରେ ଟ୍ରେନ ଚଢିଯାଇଥିଲା। ତାଙ୍କୁ ଚିକିତ୍ସା ପାଇଁ ବିଶାଖାପାଟଣା ନିଆଯାଉଥିବା ବେଳେ ମୃତ୍ୟୁ ହୋଇଥିଲା।

# ତଳିଆ ଅଞ୍ଚଳରେ ସ୍ଥିତି ପରଖିଲେ ଉପଜିଲାପାଳ

**ଗୁଣପୁର,୧୩।୧୦(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁରଠାରେ ସୋମବାରଠାରୁ ଲଗାଣ ବର୍ଷା ଯୋଗୁ ନଦୀ କୂଳିଆ ଅଞ୍ଚଳରେ ପାଣି ଜମିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଗୁଣପୁର ଉପଜିଲାପାଳ ସୋନାଲ୍ ଜେନା ତଳିଆ ଅଞ୍ଚଳର ୧୩ ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଗ୍ରାମବାସୀଙ୍କ ସହ ଆଲୋଚନା କରି ସତର୍କ କରାଇଛନ୍ତି। ପରିସ୍ଥିତିକୁ ଦେଖି ଅଞ୍ଚଳବାସୀଙ୍କୁ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତର କରାଯିବ। ତେଣୁ ସଜାଗ ରହିବାକୁ କହିଛନ୍ତି। ବିକ୍ରମପୁର, କତାଲଗୁଡା, କତୁର, ପ୍ରଧାନୀଗୁଡା, ତର୍କାନିଗୁଡା, ଗାଦିଆଖଲା, ଲିମାମେଡା, ସୌରାପ୍ରଧାନୀଗୁଡା, ଚାଲକୁମ୍ବା, କାଲମା, ଡମ୍ବସରା, ବାଗଶଲା, କରମା ଆଦି ଗ୍ରାମକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ଅବସରରେ ଲୋକଙ୍କୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଯାଇଥିଲା। ଏହି ସମୟରେ ଉପଜିଲାପାଳ ସୋନାଲ୍ ଜେନାଙ୍କ ସମେତ ତହସିଲଦାର ଲକ୍ଷ୍ମୀ ନାରାୟଣ ସାବତ ଉପସ୍ଥିତ ଥିଲେ। ଅପରପକ୍ଷେ ବର୍ଷା ଯୋଗୁ ଗୁଣପୁର ବ୍ଲକ୍ ଜଗନ୍ନାଥପୁର ଅସ୍ଥାୟୀ ପୋଲ ଉପରେ ଜଳ ପ୍ରବାହିତ ହେଉଛି। ଯଦ୍ୱାରା ଯାନବାହନଗୁଡ଼ିକ ବିପଜ୍ଜନକ ଅବସ୍ଥାରେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ସ୍ଥାୟୀ ପୋଲ ନିର୍ମାଣରେ ବିଳମ୍ବ ଯୋଗୁ ପ୍ରତି ବର୍ଷ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।



ଉପଜିଲାପାଳ ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ସ୍ୱାସ୍ଥ୍ୟସେବା ସୁଧାରିବା ନେଇ ଦାବିପତ୍ର

**କୋରାପୁଟ,୧୩।୧୦,(ସ୍ୱ.ପ୍ର.)**

କୋଭିଡ ସମୟରେ ଜିଲାର ସ୍ୱାସ୍ଥ୍ୟବସ୍ଥା ସୁଧାରିବା ନେଇ କୋରାପୁଟ ପ୍ରେସ କ୍ଲବ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ସୋମବାର ଜିଲା ପ୍ରଶାସନ ଜରିଆରେ ପ୍ରଦାନ କରାଯାଇଛଇ। ପ୍ରେସ କ୍ଲବ ସଭାପତି ଭବାନୀ ଶଙ୍କର ମିଶ୍ରଙ୍କ ନେତୃତ୍ୱରେ କ୍ଲବର ସମସ୍ତ ସଦସ୍ୟମାନେ ଜିଲାପାଳଙ୍କ ଅନୁପସ୍ଥିତରେ ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନଙ୍କୁ ଏହି ପତ୍ର ପ୍ରଦାନ କରିଛନ୍ତି। କୋଭିଡ ହସପିଟାଲରେ କେତେ ବେଡ ଖାଲି ଅଛି ଦୈନିକ ହିସାବ କରି ରିପୋର୍ଟ ପ୍ରଦାନ କରିବା, ଏଠାରେ ରୋଗୀଙ୍କୁ ଉପଯୁକ୍ତ ସେବା ମିଳୁଥିବା ନେଇ ସେମାନଙ୍କ ଅଭିଭାବକଙ୍କୁ ସୂଚନା ଦେବାସହ ଅନ୍ୟାନ୍ୟ ଦାବି ଉଲ୍ଲେଖ ରହିଛି। ଏହି ସମୟରେ ସମ୍ପାଦକ ଅମିତାଭ ବେହେରା, ସିଏଚ ସାନ୍ତାକାର, ବିଦ୍ୟାଧର ଚୌଧୁରୀ , ସୂର୍ଯ୍ୟ ନାରାୟଣ ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ସାପ କାମୁଡାରେ ମହିଳାଙ୍କ ମୃତ୍ୟୁ

**କାଲିମେଳା,୧୩।୧୦(ଡି.ଏନ.ଏ.)**

ମାଲାକନଗିରି ଜିଲା କାଲିମେଳା ବ୍ଲକ ଏମଭି-୭୯ ଥାନା ଅନ୍ତର୍ଗତ ଭୁବନପାଲି ପଞ୍ଚାତର ଗିନିପାଲି(କମାରଗୁଡା) ଗ୍ରାମରେ ଜଣେ ମହିଳାଙ୍କୁ ବିଷଧର ସାପ କାମୁଡି ଦେବାରୁ ତାଙ୍କର ମୃତ୍ୟୁ ହୋଇଛି । ସେ ହେଉଛନ୍ତି ଗ୍ରାମର କାନା ମାଡକାମିଙ୍କ ସ୍ତ୍ରୀ ରାମେ ମାଡକାମି (୩୨)। ଶନିବାର ରାତିରେ ରାମେ ଖାଇସାରି ଶୋଇଥିବା ସମୟରେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା । ପରିବାର ଲୋକ ଜାଣି ତାଙ୍କୁ ମେଡିକାଲ ନେଉଥିବା ସମୟରେ ବାଟରେ ରାମେଙ୍କ ମୃତ୍ୟୁ ହୋଇଯାଇଥିଲା। ପରିବାର ଲୋକେ ଏନେଇ ପୋଲିସକୁ ଜଣାଇନାହାନ୍ତି।

# ଅପହରଣ ମାମଲାରେ ଯୁବକଙ୍କୁ କୋର୍ଟ ଚାଲାଣ

**ନବରଙ୍ଗପୁର,୧୩।୧୦(ବି.ପ୍ର.)**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ବେଲଗାଁର ଜଣେ ଯୁବତୀଙ୍କୁ ଅପହରଣ ଘଟଣାରେ ପୋଲିସ ଉସୁରିପଦର ଗାଁର ରମେଶ ସୁନାଙ୍କୁ ଗିରଫ କରିଛି। ଉଭୟଙ୍କ ଡାକ୍ତରୀମାଇନା ପରେ ବୟାନ ରେକର୍ଡ କରାଯାଇଛି। ପରେ ରମେଶଙ୍କୁ କୋର୍ଟ ଚାଲାଣ କରାଯାଇଛ। ରମେଶ ୨ଜଣ ସହଯୋଗୀଙ୍କ ସହ ମିଶି ଗତ ୩୦ରେ ଯୁବତୀଙ୍କୁ ଅପହରଣ କରି ନେଇଥିଲେ। ଆନ୍ଧ୍ରପ୍ରଦେଶର ସାଲୁରରେ ରମେଶ ଓ ଯୁବତୀଙ୍କୁ ଛାଡି ଅନ୍ୟମାନେ ଫେରି ଆସିଥିଲେ। ସାଲୁରରୁ ରମେଶ ଯୁବତୀଙ୍କୁ ନେଇ ବିଶାଖାପାଟଣା ଯାଇଥିଲେ। ଅପହରଣ ନେଇ ତାଙ୍କ ଭାଇ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ନବରଙ୍ଗପୁର ଥାନା ଏସ୍‌ଆଇ ନିଳିମା ପାଣିଗ୍ରାହୀ, କନଷ୍ଟେବଳ ଅନୀଲ ପୃଷ୍ଟି, ସାଗର ମାଝି ଏହାର ତଦନ୍ତ କରୁଥିଲେ। ଯୁବତୀଜଣଙ୍କ ବିଶାଖାପାଟଣାରେ ଥିବା ଜାଣି ପୋଲିସ ସେଠାରେ ପହଞ୍ଚି ଥିଲା। କିନ୍ତୁ ସେମାନେ ବାଙ୍ଗାଲୋର ଚାଲି ଯାଇଥିଲେ। ପୋଲିସ ବାଙ୍ଗାଲୋରରୁ ଉଭୟଙ୍କୁ ଉଦ୍ଧାର କରିଥିଲେ।

# ବନ ବିଭାଗର ଧରପଗଡ଼ : କାଠ,ପଟା ଜବତ

**ବୈପାରିଗୁଡ଼ା,୧୩।୧୦ (ଡି.ଏନ୍.ଏ.)**

ବୈପାରିଗୁଡ଼ା ବନ ବିଭାଗ ଗତ ୧୦ ଓ ୧୧ରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବହୁ ପରିମାଣର ଚୋରାକାଠ ଜବତ କରିଛି। ଏନେଇ ୩ଟି ମାମଲା ରୁଜୁ ହୋଇଛି। ଜଣକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ୧୦ରେ ୨୦ ଖଣ୍ଡ ପିଆଶାଳ ପଟା ଜବତ ହୋଇଥିଲା। ଜଣଙ୍କୁ ଗିରଫ କରାଯାଇଥିଲା। ସେହିପରି ୧୧ରେ ଏକ ଅଟୋ ସହ ୨୭ ଖଣ୍ଡ ମଣ୍ଡିପଟା ଜବତ କରାଯାଇଛି । ୧୨ରେ ଏକ ଭ୍ୟାନ୍ ସହ ୧୫୦ ଖଣ୍ଡ ପିଆଶାଳ ପଟା ଜବତ କରାଯାଇଛି। ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଏସିଏଫ୍ ସୁବାସ ଚନ୍ଦ୍ର ଖଣ୍ଡିଆ, ବୈପାରିଗୁଡ଼ା ବନାଞ୍ଚଳ ଅଧିକାରୀ ଦିବ୍ୟାମାଧୁରୀ ସେଠୀଙ୍କ ସମେତ ଅନ୍ୟମାନେ ଚଢ଼ାଉରେ ସାମିଲ ହୋଇଥିଲେ।

# କୋଭିଡ୍ ହସ୍ପିଟାଲରେ ସେବାର ସୁଧାର ଦାବିରେ ଧାରଣା

**ନବରଙ୍ଗପୁର,୧୩।୧୦(ବି. ପ୍ର.)**

ନବରଙ୍ଗପୁର ୟୁନିୟନ ଅଫ୍ ଜର୍ନାଲିଷ୍ଟ ସଂଘ ବିଭିନ୍ନ ଦାବିରେ ସୋମବାରଠାରୁ ଧାରଣାରେ ବସିଛି। ଏହାକୁ ଜିଲାର ବିଭିନ୍ନ ସଙ୍ଗଠନ ସମର୍ଥନ ଜଣାଇଛନ୍ତି। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହାର ଦ୍ୱିତୀୟ ଦିନରେ ରାଜନେତାମାନେ ସେଠାରେ ପହଞ୍ଚି ଧାରଣାକୁ ସମର୍ଥନ ଦେଇଛନ୍ତି। ପ୍ରଶାସନ ପକ୍ଷରୁ ଉପଜିଲାପାଳ ଭାସ୍କର ରଇତ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଖବରଦାତାଙ୍କ ସହ ଆଲୋଚନା କରିଆନ୍ଦୋଳନ ପ୍ରତ୍ୟାହାର କରିବାକୁ କହିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଖବରଦାତାମାନେ କହିଛନ୍ତି।

ଦ୍ୱିତୀୟ ଦିନ ଧାରଣାକୁ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରହଲ୍ଲାଦ ତ୍ରିପାଠୀ ସମର୍ଥନ କରିଛନ୍ତି। ଦାବି ପୂରଣ ପାଇଁ ରାଜ୍ୟ ସରକାରଙ୍କ ସହ ଆଲୋଚନା ଚାଲିଥିବା ସେ କହିଛନ୍ତି। ଅପରାହ୍ନରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ପୂର୍ବତନ ଏମ୍‌ପି ପର୍ଶୁରାମ ମାଝିଙ୍କ ନେତୃତ୍ୱରେ ଭାଜପାର ଏକ ପ୍ରତିନିଧି ଦଳ ଧାରଣାସ୍ଥଳରେ ପହଞ୍ଚି ଥିଲା। ଜିଲାରେ କୋଭିଡ୍ ପରିଚାଳନାରେ ପ୍ରଶାସନ ବିଫଳ ହୋଇଥିବା ଭାଜପା କହିଛି। ବିଧାୟକ ପାଣ୍ଠିରୁ ଦୁଇଟି ଆମ୍ବୁଲାନ୍ସ କିଣିବା ପାଇଁ ଏକ ଚିଠି ମାଧ୍ୟମରେ ସେ ସୁପାରିସ କରିଥିଲେ। କିନ୍ତୁ ଦୁର୍ଭାଗ୍ୟ ଜିଲା ପ୍ରଶାସନ ଉକ୍ତ ଚିଠି ଗ୍ରହଣ କରିବାର କିଛିଦିନ ପରେ ବିଭିନ୍ନ ଆଳ ଦେଖାଇ ଆମ୍ବୁଲାନ୍ସ କିଣାଯାଇପାରିବ ନାହିଁ ବୋଲି କହିଥିବା ଉମରକୋଟ ବିଧାୟକ ସୂଚନା ଦେଇଛନ୍ତି। ଯଦି ସେହି ସମୟରେ ଆମ୍ବୁଲାନ୍ସ କ୍ରୟ କରାଯାଇ ପାରନ୍ତା ରୋଗୀ ଉପକୃତ ହୋଇ ପାରିଥାନ୍ତେ ବୋଲି ସେ କହିଥିଲେ। କେନ୍ଦ୍ର ସରକାର ୫୮୭ ଭେଣ୍ଟିଲେଟର ରାଜ୍ୟ ସରକାରଙ୍କୁ ଯୋଗାଇ ଦେଇଛନ୍ତି। ସେଥିରୁ ମାତ୍ର ୧୬୭ଟି କାର୍ଯ୍ୟକ୍ଷମ ହୋଇଛି। ୪୨୦ ଭେଣ୍ଟିଲେଟର ପଡ଼ିରହିବା ପରିତାପର ବିଷୟ ବୋଲି ପର୍ଶୁରାମ ମାଝି କହିଛନ୍ତି। ମଙ୍ଗଳବାର ଧାରଣାସ୍ଥଳରେ ଜିଲା ବଣିକ ସଂଘ ଉପସଭାପତି ରାକେଶ ଗୁପ୍ତା, ସମ୍ପାଦକ ପି. ଭେଙ୍କଟ ରାଓ, ଆଦିବାସୀ ଜନଜାତି ସୁରକ୍ଷା ମଞ୍ଚ ସଭାପତି ଗୋପୀନାଥ ମାଝି, ଆବାହକ ଅର୍ଜୁନ ଭତରା, ଜିଲା ଆଦିତ୍ୟ ବାହିନୀ ଜୋନାଲ ସମ୍ପାଦକ ଗୌରାଙ୍ଗ ପାତ୍ର, ମା ଭଣ୍ଡାର ଘରଣୀ ସେବାୟତ ମୁଖ୍ୟ ରାଜୀବ ପୂଜାରୀ, ପରିବର୍ତ୍ତନ ଫାଉଣ୍ଡେଶନ ମୁଖ୍ୟ ନିନି ବାବୁ, ହିନ୍ଦୁ ମହାସଂଘ ସଭାପତି ଜୟନ୍ତ ପାତ୍ର, ଜଗନ୍ନାଥ ମନ୍ଦିର ନିର୍ମାଣ କମିଟି ସମ୍ପାଦକ ସତ୍ୟବାଦୀ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି ଧାରଣାକୁ ସମର୍ଥନ ଜଣାଇଥିଲେ।

- ଧାରଣାକୁ ବିଜେଡି, ଭାଜପାର ସମର୍ଥନ
- ଆନ୍ଦୋଳନକାରୀଙ୍କ ସହ ଆଲୋଚନା କଲେ ଉପଜିଲାପାଳ
- ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଚାଲିବାକୁ ସଂଘର ସ୍ପଷ୍ଟୋକ୍ତି

